GOVERNMENT OF ODISHA
ST & SC DEVELOPMENT DEPARTMENT
*****

No 36211 /SSD Dated, Bhubaneswar the, 24-12-2012
TD-II (FRA) 30/2012

From,
Sri S.N.Mishra, OWS
Asst. Director (H.qrs.)

To
The Collector,
Bolangir.

**Sub:-** Forwarding of the representation/ allegation of President Zindabad Sanghathan At: Kapsipali, Po: Odiyapali, Dist.: Bolangir regarding implementation of Forest Rights Act, 2006.

Sir,

I am directed to enclose copy of representation/ allegation of President Zindabad Sanghathan At: Kapsipali, Po: Odiyapali, Dist.: Bolangir regarding implementation of Forest Rights Act, 2006.

It is therefore, requested to look into the matter and a factual report along with action taken may please be furnished to this Deptt. at an early date.

Yours faithfully,
24.12.12
Asst. Director (H.qrs.)

Memo No. 36212 SSD/ Dt. 24-12-2012

Copy with copy of the enclosure forwarded to the D.W.O., Bolangir for information and necessary action. He is requested to furnish a factual report along with action taken to this Deptt. under intimation to the Collector.

24.12.12
Asst. Director (H.qrs.)

# ZINDABAD SANGATHAN

AT - KAPSIPALI, PO - ODIAPALI DIST - BOLANGIR, PIN - 767028, (ODISHA)

email - zindabadsangathanbgr@gmail.com, Contact Cell - 9937866507

Ref. No. 53 Date 12-11-12

17 NOV 2012

ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର, ଭୁବନେଶ୍ୱର

ମହାଭାଗ,

ଆମ୍ଭେ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ, ପାଟଣାଗଡ ଉପଖଣ୍ଡର ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଅଟୁଁ । ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍ - ୨୦୦୬ ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ଚାଷବାସ କରୁଥିବା ଜଙ୍ଗଲ ଜମିର ସ୍ୱିକୃତୀ ପ୍ରଦାନ କେବଳ ନୁହଁ ବରଂ ଜଙ୍ଗଲ ସୁରକ୍ଷା ଓ ଅଭିବୃଦ୍ଧି କାମକୁ ମଜବୁତ୍ କରିବା ନିମନ୍ତେ ଉଦ୍ଦିଷ୍ଟ । ଆଇନ ର ଅର୍ନ୍ତର୍ନିହିତ ଉଦ୍ଦେଶ୍ୟ କୁ କାମ କରିବା ଜରୁରୀ । ଆମ ବଲାଙ୍ଗିର ଜିଲ୍ଲାର ଜିଲ୍ଲା ସ୍ତରୀୟ କମିଟି, ଉପଖଣ୍ଡ ସ୍ତରୀୟ କମିଟି ଆଇନ କୁ କାର୍ଯ୍ୟକାରୀ କରାଇବା ଦିଗରେ ଅନେକ ବ୍ୟତିକ୍ରମ କରୁଛି । ସେ ସବୁକୁ ସୁଧାର ଆଣି ଉଚିତ ଢଙ୍ଗରେ କାମ କରାଇବାକୁ ବାରମ୍ବାର ଦାବୀ କରିଆସୁଅଛୁ । ଏତଦ୍ ବ୍ୟତୀତ ଆଞ୍ଚଳିକ ସମସ୍ୟାର ସମାଧାନ ପାଇଁ ଆପଣଙ୍କ ଠାରେ ଦାବୀ ଉପସ୍ଥାପନ କରୁଅଛୁ ।

ଦାବୀ ସମୂହ :-

୧. ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାରୀ ସ୍ୱୀକୃତି) ଆଇନ ୨୦୦୬ ଓ ନିୟମାବଳୀ ୨୦୦୭ କୁ ସଠିକ ଭାବରେ କାର୍ଯ୍ୟକାରୀ କରାଯାଉ ।

୨. ଜଙ୍ଗଲ ଭିତରେ ଥିବା ଗାଁ, ପଡା ଗୁଡିକୁ ରାଜସ୍ୱ ଗ୍ରାମ ରୂପେ ଘୋଷଣା କରାଯାଉ ।

୩. ଓଡ଼ିଶା ସରକାରଙ୍କ ପଞ୍ଚାୟତି ରାଜ ବିଭାଗର ପତ୍ର ସଂଖ୍ୟା ୩୮୭୦୮ ତା. ୦୫.୧୨.୨୦୦୯ ଅନୁସାରେ ଜଙ୍ଗଲ ଭିତରେ ରହୁଥିବା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କ ନିମନ୍ତେ ଏନ.ଆର.ଇ.ଜି.ଏସ. ରେ ଜମି ଉନ୍ନତି, ଫାର୍ମ ପଣ୍ଡ ଓ ଉଦ୍ୟାନ ସୃଷ୍ଟି କରିବାପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ।

୪. ଜଙ୍ଗଲ ଭିତରେ ଥିବା ଗାଁ ମାନଙ୍କ ପାଇଁ ସରକାରଙ୍କ ବିକାଶ ମୂଳକ ଯୋଜନା କାର୍ଯ୍ୟକାରୀ ନିମନ୍ତେ ଜଙ୍ଗଲ ଜମିର ପରିବର୍ତ୍ତନ କୁ ନେଇ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପତ୍ର ସଂଖ୍ୟା ୨୩୦୧୧/୧୫/୨୦୦୮ ର ପରିଶିଷ୍ଟ ଏସ.ଜି.ଓ. ତା. ୧୮.୦୫.୨୦୦୯ ଅନୁସାରେ ବ୍ୟବହାରକାରୀ ସଂସ୍ଥା ଫର୍ମ (କ) ବନାଞ୍ଚଳ ଅଧିକାରୀ ଫର୍ମ (ଖ) ପୁରଣ କରି ଗ୍ରାମ ସଭାରେ ଅନୁମୋଦନ କରି ବିହୀତ ପଦକ୍ଷେପ ନିଆଯାଉ ।

୫. ଜଙ୍ଗଲ ବିଭାଗ ବନୀକରଣ କରିବା ନାଁ ରେ ଜଙ୍ଗଲ ଧ୍ୱଂସ କରୁଥିବା କାର୍ଯ୍ୟକୁ ବନ୍ଦ କରାଯାଉ ଏବଂ ଜଙ୍ଗଲ ନଥିବା ଜାଗାରେ ଜଙ୍ଗଲ ବିଭାଗ ଦ୍ୱାରା ବନୀକରଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଉ ।

୬. ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ ର ଧାରା ୫ ଅନୁଯାୟୀ ଗୋଷ୍ଠିଗତ ଜଙ୍ଗଲ ଅଧିକାର କୁ ଗୁରୁତ୍ୱ ପ୍ରଦାନ କରାଯାଉ । ବ୍ୟକ୍ତିଗତ ଓ ଗୋଷ୍ଠିଗତ ଦାବୀ ପାଇଁ ପଲ୍ଲୀସଭା ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉ ।

୭. ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ତିନି ପିଢି ତଥା (୭୫ ବର୍ଷ) ଧରି ଜଙ୍ଗଲ ଜମି ଦଖଲ କରୁଥିବାର ପ୍ରମାଣ ଦେବାର ବ୍ୟବସ୍ଥା ରହିଛି । ଏହାର ପରିବର୍ତ୍ତେ ଆଦିବାସୀ ମାନଙ୍କୁ ଯେଉଁଭଳି ୧୩.୧୨.୨୦୦୫ ପୂର୍ବରୁ ପ୍ରମାଣ ଦେବାକୁ ପଡୁଛି ସେହିପରି ୧୩.୧୨.୨୦୦୫ ପୂର୍ବରୁ ଜଙ୍ଗଲ ଜମି ଦଖଲ କରୁଥିବା ସମସ୍ତ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କୁ ଜଙ୍ଗଲ ଜମି ମାଲିକାନା ସ୍ୱତ୍ତ୍ୱ ପ୍ରଦାନ କରାଯାଉ ।

୮. ପଲ୍ଲୀସଭାର ସୁପାରିଶ କୁ ପରିବର୍ତ୍ତନ କରାନଯାଉ । ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଓ ଜଙ୍ଗଲ ଭିତରେ ଥିବା ଗାଁ / ପଡା ମାନଙ୍କରେ ଦାବୀ ଉପସ୍ଥାପନ କରିବା ପାଇଁ ପୁନଃ ପଲ୍ଲୀସଭା କରାଯାଉ । ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗ ସରଜମିନ୍ ତଦନ୍ତ କାର୍ଯ୍ୟରେ ଜଙ୍ଗଲ ଅଧିକାର କମିଟୀ କୁ ସହଯୋଗ କରିବା ସହିତ ଜଙ୍ଗଲ ଅଧିକାର କମିଟିର ଉପସ୍ଥିତିରେ ସରଜମିନ ତଦନ୍ତ ରିପୋର୍ଟ ଓ ନକ୍ସା ପ୍ରସ୍ତୁତ କରାଯାଉ ।

# ZINDABAD SANGATHAN

AT - KAPSIRALI, PO - ODIAPALI DIST - BOLANGIR, PIN - 767028, (ODISHA)

e-mail - zindabadsangathanbgr@gmail.com, Contact Cell - 9937866507

*Ref. No.* ________ *Date* __________

୯. ସରଜମିନ ତଦନ୍ତ ସମୟରେ ଜଙ୍ଗଲ ବିଭାଗର ହସ୍ତକ୍ଷେପ ଓ ପ୍ରତିବନ୍ଧକ କାର୍ଯ୍ୟକୁ ବନ୍ଦ କରାଯାଉ । ସରଜମିନ୍ ତଦନ୍ତ ସମୟରେ ଜଙ୍ଗଲ ବିଭାଗର ମନମାନୀ କାର୍ଯ୍ୟକୁ ବନ୍ଦ କରାଯାଉ ।

୧୦. ପଲ୍ଲୀସଭା ସୁପାରିଶ କରୁଥିବା ଦାବୀ ଫର୍ମ ଗୁଡିକୁ ଉପଖଣ୍ଡ ସ୍ତରୀୟ କମିଟୀ ନାକଚ କରିବା ପୂର୍ବରୁ କ୍ଷେତ୍ର ପରିଦର୍ଶନ କରି ପଲ୍ଲୀସଭା କୁ ଜଣାଇଲା ପରେ ଉପଖଣ୍ଡସ୍ତରୀୟ କମିଟୀ ରେ ନିଷ୍ପତ୍ତି ନିଆଯାଉ । ଯେଉଁ ଦାବୀ ଫର୍ମ ଗୁଡିକ ନାକଚ କରାଯାଉଛି ସେହି ଦାବୀ ଫର୍ମ ଗୁଡିକର ସଂପୃକ୍ତ ଦାବୀଦାର, ପଲ୍ଲୀସଭା, ଜଙ୍ଗଲ ଅଧିକାର କମିଟୀ କୁ କେଉଁ କାରଣରୁ ନାକଚ କରାଗଲା ଜଣାଇ ଦିଆଯାଉ ।

୧୧. ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ସରଜମିନ ତଦନ୍ତ କରାଯାଉ । ଉପଖଣ୍ଡସ୍ତରୀୟ କମିଟୀ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଦାବୀ ଫର୍ମକୁ ନାକଚ କରିବା ଓ ଅସମ୍ମାନ ଦେବା ଆଇନ ବିରୁଦ୍ଧ ଅଟେ । ଏଭଳି କାର୍ଯ୍ୟକୁ ବନ୍ଦ କରାଯାଉ ।

୧୨. ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଯେଉଁ ବ୍ୟକ୍ତି ମାନେ ନୂତନ ଜଙ୍ଗଲ କାଟିବେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

୧୩. ଉପଖଣ୍ଡସ୍ତରୀୟ କମିଟୀ ଓ ଜିଲ୍ଲାସ୍ତରୀୟ କମିଟୀରେ ଜିନ୍ଦାବାଦ ସଂଗଠନର ପ୍ରତିନିଧି କୁ ସଦସ୍ୟ ରୂପେ ଗ୍ରହଣ କରାଯାଉ ।

୧୪. ଆଦିବାସୀ ଓ ଜଙ୍ଗଲବାସୀଙ୍କ ନାମରେ କରାଯାଇଥିବା ଜଙ୍ଗଲ ଏବଂ ଜୀବିକା ସମ୍ପର୍କୀୟ କେଶ ଗୁଡିକୁ ଅବିଳମ୍ବେ ପ୍ରତ୍ୟାହାର କରାଯାଉ ।

୧୫. ଟିଟିଲାଗଡ ଓ ପାଟଣାଗଡ ଉପଖଣ୍ଡର ଅଣରାଜସ୍ୱ ଗ୍ରାମ ଯେଉଁଠି ରହିଛି ଜଙ୍ଗଲ ଅଧିକାର କମିଟୀ ଗଠନ ହେବାକୁ ଆଇନରେ ସ୍ପଷ୍ଟ ଲେଖା ହୋଇଛି । ଏସବୁ ଗ୍ରାମରେ ସରକାରୀ ଭାବେ ଅଦ୍ୟାବଧି କମିଟୀ ଗଠନ ହୋଇନାହିଁ । ଗ୍ରାମର ଲୋକେ ନିଜ ଉଦ୍ୟମରେ କମିଟୀ ଗଠନ କରିଛନ୍ତି । ଏ ଦିଗରେ ପଦକ୍ଷେପ ନେଇ କମିଟୀ ମାନଙ୍କୁ ମାନ୍ୟତା ଦିଆଯାଉ ।

୧୬. ଜଙ୍ଗଲ ଅଧିକାର କମିଟୀ, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ୱାର୍ଡମେମ୍ବର, ବିଭାଗୀୟ ଅଧିକାରୀ ମାନଙ୍କୁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬ ବିଷୟରେ ତାଲିମ ପ୍ରଦାନ କରାଯାଉ ।

୧୭. ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ଅଧିକାର କମିଟୀ କୁ ସେମାନଙ୍କର ଭୂମିକା ଓ ଦାୟୀତ୍ୱ ସମ୍ପର୍କରେ ସଚେତନ କରାଇବା ପାଇଁ ତାଲିମ ପ୍ରଦାନ କରିବା, ଆବଶ୍ୟକ ଅନୁଯାୟୀ ବ୍ୟକ୍ତିଗତ ଓ ଗୋଷ୍ଠିଗତ ଦାବୀ ଫର୍ମ ମାଗଣାରେ ଯୋଗାଇବା, ଆବଶ୍ୟକ ସୂଚନା, ଦଲିଲ, ଦସ୍ତାବିଜ, ମ୍ୟାପ (ରାଜସ୍ୱ ଓ ଜଙ୍ଗଲ) ଇତ୍ୟାଦି ଯୋଗାଇବା କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ନିଆଯାଉ ।

୧୮. ଜଙ୍ଗଲ ବିଭାଗ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଦଖଲ କରୁଥିବା ସମସ୍ତ ଜଙ୍ଗଲ ଜମିକୁ ମାପ କରିନାହିଁ । ଆଁଟ ଜମି ଗୁଡିକୁ ଛାଡି ଦିଆଯାଇଛି । ନାଳ ଗୁଡିକୁ ମାପ କରିଛି । ମେସିନ ଦ୍ୱାରା ଜମିର ନକ୍ସା ତିଆରି କରିବା ଯୋଗୁଁ ଅନେକ ଲୋକଙ୍କ ଜମିକୁ କମ୍ କରି ଦର୍ଶାଯାଇଛି । ଏଣୁ ପୁନର୍ବାର ଯୁଗ୍ମ ତଦନ୍ତ କରାଯାଉ ।

୧୯. ଜଙ୍ଗଲ ଅଞ୍ଚଳରେ ହେଉଥିବା ବନୀକରଣ, ଶିଳ୍ପ ଓ ଅନ୍ୟାନ୍ୟ ଉନ୍ନତିମୂଳକ ଯୋଜନା, ଲୋକଙ୍କ ସମ୍ମତି ଓ ଯୋଜନା ଅନୁସାରେ ଗ୍ରହଣ କରାଯାଉ ।

୨୦. ଜଙ୍ଗଲ ଅଞ୍ଚଳର ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଉପରେ ଅଯଥା ଅତ୍ୟାଚାର ବନ୍ଦ କରାଯାଇ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା ମାଧ୍ୟମରେ ଉଦ୍ୟମ କରାଯାଉ ।

୨୧. ଓଡିଶା ଜନଅଧିକାର ମୋର୍ଚ୍ଚା ର ନେତାଙ୍କ ନାମରେ କରାଯାଇଥିବା ମିଥ୍ୟା କେଶ ଗୁଡିକୁ ଅବିଳମ୍ବେ ପ୍ରତ୍ୟାହାର କରାଯାଉ ।

୨୨. ଗନ୍ଧମାର୍ଦ୍ଦନ କୁ ଜାତୀୟ ସମ୍ପତ୍ତି ରୂପେ ଘୋଷଣା କରାଯାଉ ।

୨୩. ବଲାଙ୍ଗିର ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଙ୍କ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟର ସୁବିଧା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉ ।

Zindabad Sangathan, Kapsipali, No.........., Dt.........., Dist. Bolangir

# ZINDABAD SANGATHAN

AT - KAPSIPALI, PO - ODIAPALI DIST - BOLANGIR, PIN - 767028, (ODISHA)
e-mail - zindabadsangathanbgr@gmail.com, Contact Cell - 9937866507

Ref. No. ________

Date ________

୨୪. ଚାଷୀ ମାନଙ୍କର ଧାନ ଓ କପାର ଅଭାବୀ ବିକ୍ରି ର ତୁରନ୍ତ ସମାଧାନ କରାଯାଉ, ଯେପରିକି କୌଣସି ଚାଷୀ ଆତ୍ମହତ୍ୟା କରିବାକୁ ବାଧ ନହେଉ । ଅଦିନିଆ ବର୍ଷା ଯୋଗୁଁ ଚାଷୀର ଧାନ ଓ କପା ର କ୍ଷୟକ୍ଷତି ଆକଳନ କରାଯାଇ ଉଚିତ୍ କ୍ଷତିପୂରଣ ପ୍ରଦାନ କରାଯାଉ ।

୨୫. ଡବଲାଯୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯୋଗୁଁ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଉଚିତ୍ କ୍ଷତିପୂରଣ ଦିଆଯାଉ ।

୨୬. ବଲାଙ୍ଗିର ଜିଲ୍ଲାର ବିକାଶ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଦେବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଉ ।

୨୭. ପହରିଆ ମାନଙ୍କୁ ଆଦିବାସୀ ମାନ୍ୟତା ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉ ।

୨୮. ଜଙ୍ଗଲ ଜମିର ଶିରୋନାମା ଜିଲ୍ଲା ସ୍ତରୀୟ କମିଟିରେ ମଞ୍ଜୁର ହୋଇଥିଲେ ମଧ ଦାବୀଦାର ମାନଙ୍କୁ ଦିଆଯାଉନାହିଁ, କିନ୍ତୁ ସରକାରୀ ରେକର୍ଡ ପତ୍ରରେ ଦିଆଗଲାଣି ବୋଲି ଉଲ୍ଲେଖ ରହିଛି । ଏଣୁ ଜଙ୍ଗଲ ଜମିର ଶିରୋନାମା ଦାବୀଦାର ମାନଙ୍କୁ ଦିଆଯାଉ ।

ଉପରୋକ୍ତ ଦାବୀ ଗୁଡିକ ଅବିଳମ୍ବେ କାର୍ଯ୍ୟକାରୀ କରାଇବା ନିମନ୍ତେ ଜିନ୍ଦାବାଦ ସଂଗଠନ, ବଲାଙ୍ଗିର ଆପଣଙ୍କୁ ଲେଖି ଜଣାଉଛି ।

ଇତି ଆପଣଙ୍କର
[signature] 12-11-12
President
Zindabad Sangathan
Kapsipali

ପରିପତ୍ର ସଂଖ୍ୟା 54 (51)

ତା. 12-11-12

ଏହାର ଏକକିତା ନକଲ ମାନ୍ୟବର ରାଜ୍ୟପାଳ, ଓଡିଶା ସରକାର ଭୁବନେଶ୍ୱର / ମାନ୍ୟବର ମନ୍ତ୍ରୀ ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରଣାଳୟ, ଓଡିଶା ସରକାର ଭୁବନେଶ୍ୱର / ମାନ୍ୟବର ମୁଖ୍ୟ ଶାସନ ସଚିବ ତଥା ଅଧକ୍ଷ, ରାଜ୍ୟସ୍ତରୀୟ ତଦାରଖ କମିଟୀ, ଓଡିଶା ସରକାର, ଭୁବନେଶ୍ୱର / ଶାସନ ସଚିବ ପଞ୍ଚାୟତରାଜ ବିଭାଗ, ଓଡିଶା ସରକାର ଭୁବନେଶ୍ୱର / ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାର ଭୁବନେଶ୍ୱର / ଶାସନ ସଚିବ ରାଜସ୍ୱ ବିଭାଗ, ଓଡିଶା ସରକାର ଭୁବନେଶ୍ୱର / ସ୍ୱତନ୍ତ୍ର ସଚିବ, ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ, ଓଡିଶା ସରକାର ଭୁବନେଶ୍ୱର / ପ୍ରଧାନ ମୁଖ୍ୟ ବନସଂରକ୍ଷକ, ଓଡିଶା ସରକାର ଭୁବନେଶ୍ୱର / ଜିଲ୍ଲାପାଳ ତଥା ଅଧକ୍ଷ ଜିଲ୍ଲାସ୍ତରୀୟ କମିଟୀ, ବଲାଙ୍ଗିର / ଜିଲ୍ଲା ପଞ୍ଚାୟତ ଅଧିକାରୀ, ବଲାଙ୍ଗିର / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବଲାଙ୍ଗିର / ସଭାପତି/ଉପସଭାପତି, ଜିଲ୍ଲା ପରିଷଦ, ବଲାଙ୍ଗିର / ଉପଜିଲ୍ଲାପାଳ ତଥା ଅଧକ୍ଷ, ଉପଖଣ୍ଡସ୍ତରୀୟ କମିଟୀ, ପାଟଣାଗଡ / ଉପଜିଲ୍ଲାପାଳ ତଥା ଅଧକ୍ଷ, ଉପଖଣ୍ଡସ୍ତରୀୟ କମିଟୀ, ଟିଟିଲାଗଡ / ଉପଜିଲ୍ଲାପାଳ ତଥା ଅଧକ୍ଷ, ଉପଖଣ୍ଡସ୍ତରୀୟ କମିଟୀ, ବଲାଙ୍ଗିର / ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ସଚିବ ଜିଲ୍ଲାସ୍ତରୀୟ କମିଟୀ, ବଲାଙ୍ଗିର / ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ସଚିବ ଉପଖଣ୍ଡସ୍ତରୀୟ କମିଟୀ, ଟିଟିଲାଗଡ / ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ସଚିବ ଉପଖଣ୍ଡସ୍ତରୀୟ କମିଟୀ, ପାଟଣାଗଡ / ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ସଚିବ ଉପଖଣ୍ଡସ୍ତରୀୟ କମିଟୀ, ବଲାଙ୍ଗିର / ତହସିଲଦାର, ଟିଟିଲାଗଡ /ତହସିଲଦାର ବଙ୍ଗୋମୁଣ୍ଡା / ତହସିଲଦାର, କଣ୍ଟାବାଞ୍ଜି / ତହସିଲଦାର, ପାଟଣାଗଡ / ତହସିଲଦାର, ଖପ୍ରାଖୋଲ / ଥାନା ଭାରପ୍ରାପ୍ତ ଅଧିକାରୀ, ଟିଟିଲାଗଡ / ଥାନା ଭାରପ୍ରାପ୍ତ ଅଧିକାରୀ, ତୁରେକେଲା / ଥାନା ଭାରପ୍ରାପ୍ତ ଅଧିକାରୀ, କଣ୍ଟାବାଞ୍ଜୀ / ଥାନା ଭାରପ୍ରାପ୍ତ ଅଧିକାରୀ, ଖପ୍ରାଖୋଲ / ବନଖଣ୍ଡ ଅଧିକାରୀ (ପଶ୍ଚିମ), ବଲାଙ୍ଗିର / ପୋଲିସ ଆରକ୍ଷୀ ଅଧିକ୍ଷକ, ବଲାଙ୍ଗିର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଟିଟିଲାଗଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁରିବାହାଲ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେଲପଡା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖପ୍ରାଖୋଲ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତୁରେକେଲା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଙ୍ଗୋମୁଣ୍ଡା / ରାଜ୍ୟ ସ୍ତରୀୟ କମିଟୀ / ଜିଲ୍ଲା ସ୍ତରୀୟ କମିଟୀ / ଉପଖଣ୍ଡସ୍ତରୀୟ କମିଟୀର ସଦସ୍ୟ/ସଦସ୍ୟା/ସମ୍ପୃକ୍ତ ବିଭାଗୀୟ ଅଧିକାରୀ / ସମସ୍ତ ପଞ୍ଚାୟତ ସମିତି ଅଧକ୍ଷ/ଉପାଧକ୍ଷ/ ସମସ୍ତ ସରପଞ୍ଚ / ସମସ୍ତ ଗ୍ରାମପଞ୍ଚାୟତ ସମ୍ପାଦକ / ସମସ୍ତ ୱାର୍ଡ ମେମ୍ବର ମାନଙ୍କ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ସକାଶେ ପ୍ରେରଣ କରାଗଲା ।

ଇତି ଆପଣଙ୍କର
[signature] 12-11-12
President
Zindabad Sangathan
Kapsipali